ପାଠ 17
पाठ

ପଣା ସଂକ୍ରାନ୍ତି
पणा संक्रांति

ଅଜିତ୍ : ଆଜି ଓଡ଼ିଆବାଲାଙ୍କର 'ପଣା ସଂକ୍ରାନ୍ତି' ଅଟେ । ଏହି ଉତ୍ସବକୁ 'ବିଷୁବ ସଂକ୍ରାନ୍ତି' ମଧ୍ୟ କୁହନ୍ତି । ଆଜି ପରା 'ରତ୍ନଗିରି'ରେ 'ବିଷୁବ ମିଳନ' ହେଉଛି । ତୁ କ'ଣ 'ବିଷୁବ ମିଳନ' ଦେଖିବା ପାଇଁ କେବେ 'ରତ୍ନଗିରି' ଯାଇଥିଲୁ କି?

ଆଭାସ : ନାଁ, ମୁଁ କେଭେ ମଧ୍ୟ 'ବିଷୁବ ମିଳନ' ଦେଖିନାହିଁ ।

ଅଜିତ୍ : ଆଜି ଚାଲ । ସେଠି 'ନିଆଁଝାମୁ' ଦେଖିବୁ । ଦେଖିବୁ, ସେଠି କେମିତି ଜଳନ୍ତା ନିଆଁରେ ଲୋକେ ଚାଲିବେ । ମେଳାକୁ ବହୁତ କିଣା-ବିକାବାଲା ଆସନ୍ତି । ପାହାଡ଼ ଉପରକୁ ଗୋଟାଏ ଉଠାଣି ରାସ୍ତା ଯାଇଛି । ତା' ଦି ପାଖରେ ସବୁରକମର ଦୋକାନ । ରାତିରେ କିଣିବାବାଲାଙ୍କର ଭିଡ଼ ଜମିବ । ମହାକାଳ ମନ୍ଦିର, ବୌଦ୍ଧ ମୂର୍ତ୍ତି

पणा संक्रांति

अजित : आज ओड़िआवालों का 'पणा संक्रांति' है । इस् उत्सव को 'बिषुब संक्रांति' भी कहते हैं । आज 'रत्नगिरि' में 'बिषुब मिलन' हो रहा है । क्या तुम 'बिषुब मिलन' देखने केलिए 'रत्नगिरि' गए थे ?

आभास : नहीं, मैंने कभी भी 'बिषुब मिलन' नहीं देखा है ।

अजित : आज चल । वहाँ 'निआँझामु' देखोगे । वहाँ देखोगे (कि) कैसे जलती आग पर लोग चलेंगे । मेले में बहुत बेचने-खरीदनेवाले आते हैं । पहाड़ के ऊपर जाने केलिए एक आरोही रास्ता है । उसके दोनों तरफ हर प्रकार की दुकानें हैं । रात में खरीदनेवालों की भीड़ लगेगी । महाकाल मंदिर, बुद्ध मूर्तियाँ और बहुत सारे स्तूप बिजली से आलोकित रहेंगे ।

ଓ ସୁପ ଗୁଡ଼ିକ ବିଜୁଳି
ଆଲୁଅରେ ଆଲୋକିତ ହେବ ।

ଆଭାସ : ମୋ ବୋଉ ଆଜି ସକାଳୁ
'ଲଳିତଗିରି' ଯାଇଛି । ବଡ଼
ଭାଇ ବି 'ଉଦୟଗିରି' ମେଳାକୁ
ଯିବେ । ମୁଁ ଘର ଛାଡ଼ି ଯିବି
କେମିତି ?

ଅଜିତ : ହଁ, ଆଜି ସକାଳେ ମାଉସୀଙ୍କୁ
ତ ମୁଁ ଯାଉଥିବାର ଦେଖିଛି ।
କ'ଣ ମଉସା ନାହାନ୍ତି କି ?

ଆଭାସ : ବାପାଙ୍କର କଲିକତା ଯିବା
ଦୁଇମାସ ହୋଇଗଲା । ଘରେ
ଆଜି କେହି ନାହାନ୍ତି । ମୋତେ
ସବୁ କିଛି ଦେଖାଶୁଣା
କରିବାକୁ ପଡୁଛି ।

ଅଜିତ୍ : ଆଜି ରାତିରେ ସେଠିକି ପାଲା
ଗାଆଣ ଆସୁଛନ୍ତି । ଗାୟକଙ୍କ
ଡାହାଣ ପାଳିଆ ବଡ଼
କହିଲାବାଲା । ସେଠାରେ
ଗାଉଣା ବାଜଣା ହେବ ।
ଆମେ ସାଙ୍ଗ ହୋଇ ଯିବା ।

ଆଭାସ : ନାହିଁ, ମୁଁ ଯାଇ ପାରିବି
ନାହିଁ । କାଲି କଲେଜରେ
ଆମର ଇଂରାଜୀ ପଢ଼ା ଆରମ୍ଭ
ହେବ । ସେଠିକି ଗଲେ
କଲେଜକୁ ଯାଇ ହେବ
ନାହିଁ ।

आभास : मेरी माँ आज सुबह ही 'ललितगिरि' गई हैं। बड़े भाइ भी 'उदयगिरि' मेले को जाएँगे। मैं घर छोड़ कर कैसे जाऊँगा?

अजित : हाँ, मैं ने आज सुबह मौसी को जाते हुए देखा है। क्या मौसाजी नहीं हैं ?

आभास : पिताजी (का) कलकत्ते गए दो महीने हो गए। आज घर में कोई नहीं है। मुझे सब का देखरेख करनी पड़ती है।

अजित : आज रात को वहाँ 'पाला गाहाण' आ रहे हैं। गायक के दाहिने ओर जो रहते हैं वे बड़े बोलनेवाले हैं। वहाँ गाना-बजाना होगा। हम साथ-साथ चलेंगे।

आभास : नहीं, मैं नहीं जा सकूँगा। कल कॉलेज में हमारी अँग्रेज़ी की पढ़ाई आरंभ होगी। वहाँ जाने से कॉलेज जाना संभव नहीं होगा।

अजित : मुझे अकेले जाना अच्छा नहीं लगेगा।

आभास : तुम तो कल केलिए पढ़ना-लिखना खत्म करके आए हो। लेकिन मैंने कुछ भी पढाई नहीं की। क्षमा कीजिए(गा), भाई साहब। मैं इस बार मेले के लिए नहीं जा सकूँगा।

ଅଜିତ : ମୋତେ ଏକୁଟିଆ ଯିବାକୁ ଭଲ ଲାଗିବ ନାହିଁ।

ଆଭାସ : ତୁମେ କାଲି ପାଇଁ ଲେଖା ପଢ଼ା ସାରି ଆସିଛ। କିନ୍ତୁ ମୁଁ କିଛି ପଢ଼ାପଢ଼ି କରିନାହିଁ। କ୍ଷମା କରିବ ଭାଇ। ଏଥର ମେଳା ପାଇଁ ଯାଇ ପାରିବି ନାହିଁ।

ଅଜିତ୍ : ଗତବର୍ଷ ରତ୍ନଗିରି-ବୌଦ୍ଧକୀର୍ତ୍ତୀ ଦେଖିବାକୁ ଜାପାନ୍, ଥାଇଲାଣ୍ଡ, ମେନ୍‌ମାର୍‌ରୁ ଲୋକ ଆସିଥିଲେ। ଆମ ଉତ୍ସବ ଓ ମେଳା ଦେଖିବା ପାଇଁ ବର୍ତ୍ତମାନ ମଧ୍ୟ ବହୁତ ଲୋକ ଅଛନ୍ତି। ସେମାନେ ଏଥର ମଧ୍ୟ ଦୂର ଦୂରରୁ ଆସିବେ। କିନ୍ତୁ ତୁ ଆଜି ପର୍ଯ୍ୟନ୍ତ ଏତେ ପାଖରେ ଥାଇ ମଧ୍ୟ ମେଳା ଦେଖି ପାରିଲ ନାହିଁ।

ଆଭାସ : ଇଏତ ସବୁ ଇତିହାସ। ଗତ କଥାକୁ ଭାବି ଆଉ ଲାଭ କଣ ? ମୋ ପାଇଁ ମୋର ବର୍ତ୍ତମାନ ଓ ଭବିଷ୍ୟତହିଁ ସର୍ବସ୍ୱ ଅଟେ।

ଅଜିତ୍ : ଆରେ! ତୁ ତ ଭାରି କୁହାଳିଆ ହୋଇ ଗଲୁଣି। ପାଠୁଆ ପିଲାଙ୍କୁ ବୁଝେଇବ କ'ଣ ? ଠିକ୍ ଅଛି ମାଉସୀ

अजित : पिछले वर्ष रत्नगिरि-बौद्धकीर्ति देखने के लिए जापान, म्यानमार, थाइलैण्ड आदि देशों से बहुत लोग आए थे। हमारे उत्सव तथा मेला देखनेवाले अभी भी बहुत हैं। वे इस बार भी दूर दूर से आएँगे। लेकिन तुमने आज तक इतनी पास रहने पर भी मेला नहीं देखा है। यह बड़े दुर्भाग्य की बात है।

आभास : यह सब इतिहास है। बीती बातों के बारे में सोचने से क्या फायदा? मेरे लिए अपना वर्तमान और भविष्यत् ही सर्वस्व है।

अजित : अरे ! तू तो बहुत बोलनेवाला हो गया है। पढ़ेलिखों को कैसे समझाना ? ठीक है। मौसी के आने पर ही तेरी बात बनेगी।

आभास : अच्छा भाई, पान की गिलौरी तो खाओ ?

अजित : में पान खानेवाला नहीं हूँ। पान खाना एक खराब अभ्यास है। यह तो तू जाननेवाला है।

आभास : ठीक है। शाम को हमारे घर जरूर आना।

ଆସନ୍ତୁ ତୋ କଥା
ପଡ଼ିବ ।

ଆଭାସ : ହଉ ଭାଇ, ପାନ ଖଣ୍ଡେ
ଖାଇ ଯାଅ ?

ଅଜିତ୍ : ମୁଁ ପାନ ଖାଇବାବାଲା ନୁହେଁ ।
ପାନ ଖାଇବା ଏକ ଖରାପ
ଅଭ୍ୟାସ । ଇଏତ ତୁ
ଜାଣିବାବାଲା ।

ଆଭାସ : ଠିକ୍ ଅଛି, ସଂଜ ବେଳକୁ
ଆମ ଘରକୁ ନିଶ୍ଚୟ୍ ଆସିବ ।

ଅଜିତ : ତୁ ତ ମୋ ସାଙ୍ଗରେ
ଆସିବାବାଲା ନୁହଁ । ମୁଁ କ'ଣ
ପାଇଁ ଆସିବି ?

ଆଭାସ : ଆରେ ଭାଇ, ମୁଁ ତ
ଯିବାବାଲା । ତୁ ଏତେ ଶୀଘ୍ର
ରାଗିଯାଉଛୁ କାହିଁକି ?

ଅଜିତ୍ : ମୁଁ ତ ରାଗିବାବାଲା ନୁହେଁ ।
ମୁଁ ତୋ ବିଷୟ୍‌ରେ ସତ
କହିଲି ।

ଆଭାସ : ମୁଁ ତୁମକୁ ଭଲ ଭାବରେ
ଜାଣିଛି । ବର୍ତ୍ତମାନ ମୁଁ
ଯାଉଛି । ସନ୍ଧ୍ୟାବେଳେ ତୁମ
ଘରକୁ ନିଶ୍ଚୟ୍ ଆସିବି । ଆମେ
ସାଙ୍ଗ ହୋଇ ମେଳା
ଦେଖିବାକୁ ଯିବା ।

अजित : तू तो मेरे साथ आनेवाला नहीं है। मैं किसलिए आऊँ ?

आभास : अरे भाई साहब, में तो जानेवाला हूँ। तुम क्यों इतनी जल्दी गुस्सा करते हो ?

अजित : मैं तो गुस्साकरनेवाला नहीं हूँ। मेंने तेरे बारे में सच ही बोला।

आभाष : मैं तुमको अच्छी तरह जानता हूँ। अभि मैं जाता हूँ। शामको तेरे घर अवश्य आऊँगा। हम साथ साथ मेले देखने जाएँगे।

शब्दार्थ

ओड଼िआ शब्द	हिंदी अर्थ
ଓଡ଼ିଆବାଲା	ओड़िआ लोग
ମେଳା	मेला
ବିଷୁବ ମିଳନ	'बिषुब मिलन'
ବିଷୁବ ସଂକ୍ରାନ୍ତି	'बिषुब संक्रांति'
ନିଆଁଝାମୁ	'निआँझामु' (आग पर चलना)
ବୌଦ୍ଧ ମୂର୍ତ୍ତି	बौद्ध मूर्त्ति
ସ୍ତୂପ	स्नूप
ଜଳନ୍ତା ନିଆଁ	जलती आग
ଦୋକାନୀ	दुकानदार
ଉଠାଣି ରାସ୍ତା	आरोही रास्ता
ପାଖ	तरफ
ରକମ	किस्म/प्रकार
କିଣିବା	खरीदना
ଦେଖାଶୁଣା	देख-भाल
ସାଙ୍ଗହେବା	साथ होना
ଏକୁଟିଆ	अकेला
ଲେଖାପଢ଼ା	पढ़-लिख
ପଢ଼ାପଢ଼ି	पढ़ना
ଗତକଥା	बीती बातें
କୁହାଳିଆ	बोलनेवाला, बातूनी, वाचाल
ପାଠୁଆ ପିଲା	पढ़े हुए बच्चों
କଥା ପଡ଼ିବା	बात बनेगी
ଦୁର୍ଭାଗ୍ୟ	दुर्भाग्य
ଖଣ୍ଡେ	एक (गिलौरी)
ଯିବାଲୋକ	जानेवाला
ନିଶ୍ଚେ	जरूर

କିଣାବିକାବାଲା	**खरीदने-बेचनेवाले**
କହିଲାବାଲା	**बातूनी**
କିଣିବାବାଲା	**खरीददार, ग्राहक**
ଗାୟକ	**गानेवाला**

अभ्यास

I. (1) नीचे दिए गए वाक्य दोहराइए।

1. ଆମ ଓଡ଼ିଶାର ମେଳା ଉତ୍ସବ ଦେଖିବାବାଲା ବହୁତ ଅଛନ୍ତି।
2. କଟକ ବାଲିଯାତ୍ରାରେ କିଣାବିକାବାଲା ଆସିବେ।
3. ତୁ ତ ମୋ ସାଙ୍ଗରେ ଆସିବାବାଲା ନୁହେଁ।
4. ନାଁ, ମୁଁ ପାନ ଖାଇବାବାଲା ନୁହେଁ।
5. ମୁଁ ତ ରାଗିବାବାଲା ନୁହେଁ।
6. ଓଡ଼ିଶାବାଲା 'ପଣାସଂକ୍ରାନ୍ତି' କୁ 'ବିଷୁବ ସଂକ୍ରାନ୍ତି' ମଧ୍ୟ କୁହନ୍ତି।
7. ଓଡ଼ିଆବାଲା ଦୁର୍ଗାପୂଜାକୁ ଜାକଜକମରେ ପାଳନ କରନ୍ତି।
8. ମହୀଶୂରବାଲାଙ୍କର ଦୁର୍ଗାପୂଜା ବିଶ୍ୱପ୍ରସିଦ୍ଧ ଅଟେ।
9. ପଢ଼ିବାବାଲାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ଅଟେ।
10. ତୁ ତ ଭାରି କହିଲାବାଲା।
11. ତୁ କ'ଣ ମେଳାକୁ ଯିବାବାଲା ମଧ୍ୟରୁ ଜଣେ କି ?

(2)

1. ମୋତେ ସବୁକିଛି ଦେଖାଶୁଣା କରିବାକୁ ପଡୁଛି।
2. ତୁମେ ସବୁ ଲେଖାପଢ଼ା ସାରି ଆସିଛ।
3. ଆମର ଖିଆପିଆ ସରିଲାଣି।
4. ଝିଅ ବାହାଘରରେ କ'ଣ କ'ଣ ଦିଆନିଆ ହେଲା ?
5. ମୋତେ ପ୍ରତିଦିନ ସ୍କୁଲକୁ ଯିବା ଆସିବା କରିବାକୁ ପଡୁଛି ।
6. ଆଜି ଆମ କ୍ଲବରେ ଗାଉଣା ବାଜଣା ହେବ।

(3)

1. ମୁଁ କିଛି ପଢ଼ାପଢ଼ି କରିନାହିଁ।
2. ତୁମେ କିଛି ଲେଖାଲେଖି କରିନାହଁ ।
3. ସେମାନେ ହସାହସି ହେଉଛନ୍ତି।
4. ପରୀକ୍ଷାରେ ଦେଖାଦେଖି ହୋଇ ଲେଖ ନାହିଁ।

5. ମରାମରି ହୋଇ ସେମାନେ ରକ୍ତାକ୍ତ ହେଲେଣି ।
6. ପିଲା ଦୁଇଜଣ ହାତ ଧରାଧରି ହୋଇ ଆସୁଛନ୍ତି ।

II. नीचे दिए गए प्रश्न तथा उन के उत्तर दोहराइए।

1. ଉଠାଣି ରାସ୍ତାଟି କେଉଁଆଡ଼େ ଯାଇଛି ?
2. ଉଠାଣି ରାସ୍ତାଟି ପାହାଡ଼ ଉପରକୁ ଯାଇଛି ।
3. ଦୋକାନରେ କେଉଁମାନଙ୍କର ବେଶୀ ଭିଡ଼?
4. ଦୋକାନରେ କିଣିବାବାଲାଙ୍କର ବେଶୀ ଭିଡ଼ ।
5. କାହାର କଲିକତା ଯିବା ଦୁଇମାସ ହୋଇଗଲା ?
6. ବାପାଙ୍କର କଲିକତା ଯିବା ଦୁଇମାସ ହୋଇଗଲା ।
7. କିଏ ଭାରି କୁହାଳିଆ ହୋଇଗଲାଣି ?
8. ଆଭାସ ଭାରି କୁହାଳିଆ ହୋଇଗଲାଣି ।
9. କେଉଁଠିକୁ ବିଦେଶୀ ଦେଖଣାହାରୀ ଆସୁଛନ୍ତି ?
10. ରତ୍ନଗିରିକୁ ବିଦେଶୀ ଦେଖଣାହାରୀ ଆସୁଛନ୍ତି ।

III. कोष्ठक में दिए गए शब्दों में से उपयुक्त शब्दों का प्रयोग कर वाक्य पूरे कीजिए।

1. ମୋ ଗୋଡ଼ _____ ନିଆଁରେ ପୋଡ଼ିଗଲା । (ଚଳନ୍ତା, ଜଳନ୍ତା)
2. ପାହାଡ଼ ଉପରୁ ତଳକୁ ଗୋଟିଏ _____ ରାସ୍ତା ଅଛି । (ଉଠାଣି, ଗଡ଼ାଣି)
3. ଏ ଦୋକାନର _____ କିଏ ? (ଦୋକାନ, ଦୋକାନୀ)
4. ଯୋଗୀବାବୁ ଜଣେ _____ ଲୋକ । (କୁହାଳିଆ, କୁହା)
5. କଥାରେ ଅଛି _____ ପୁଅର ଭାଗ ନାହିଁ । (ଶୋଇବା, ଶୁଆ)
6. ସଙ୍ଗାତ! _____ କଥା ଗଲାଣି । (ଯାଉଥିବା, ଗଲା)

IV. नीचे दिए गए वाक्यों के रेखांकित शब्दों के स्थान पर कोष्ठक में दिए गए शब्दों के उपयुक्त रुपों का प्रयोग कर वाक्य बनाइए ।

1. ଆଜି ଆମ ଗାଁରେ <u>ନାଟବାଲାଙ୍କର</u> ଭିଡ଼ ହେବ । (ଯାତ୍ରା)
2. <u>ଗାଆଣବାଲାଙ୍କର</u> ଆଜି ରାତିରେ ପ୍ରୋଗ୍ରାମ ଅଛି । (ପାଲା)
3. <u>ଯିବାବାଲାଙ୍କର</u> ସେଠିକୁ ଯିବା ଉଚିତ୍ । (ଶୁଣିବା)
4. <u>ଦୋକାନୀବାଲାଙ୍କର</u> ଭଲଭାବେ ଦେଖିବା ଉଚିତ୍ । (ଦେଖିବା)
5. <u>ନାଚବାଲାଙ୍କର</u> ବିଦାକି ଦେଇଦିଅ । (ବାଜା)

V. कोष्ठक में दिए गए हिंदी शब्दों के समानार्थक ओड़िआ शब्दों का प्रयोग कर वाक्य पूरे किजिए।

1. ତୁମେ _____ ଫୁଲକୁ ଛିଡ଼ାଅ ନାହିଁ। **(हिलते हुए)**
2. ପିଠା _____ ଙ୍କୁ ପିଠା ଦିଅ। **(खानेवालों को)**
3. ଭାଇଙ୍କର କାନପୁର _____ ମାସେ ହୋଇଗଲା। **(गए)**
4. କାଲି ଆମ ଓଡ଼ିଆ _____ ଶେଷ ହେବ। **(पढ़ाई)**
5. ମୂର୍ଖ ପିଲାଙ୍କ ଅପେକ୍ଷା _____ ପିଲାଙ୍କୁ ବୁଝେଇବା କଷ୍ଟ। **(पढ़े-लिखे)**

VI. उदाहरण के अनुसार दिए गए वाक्यों के निषेध वाचक रूप बनाइए।

उदाहरण:- ହଁ, ମୁଁ ରତ୍ନଗିରି ମେଳାକୁ ଯିବି।
ନାଁ, ମୁଁ ରତ୍ନଗିରି ମେଳାକୁ ଯିବି ନାହିଁ।

1. ହଁ, ବୌଦ୍ଧ ମୂର୍ତ୍ତିଗୁଡ଼ିକ ବିଜୁଳି ଆଲୁଅରେ ସଜା ହେବ।
2. ହଁ, ବୋଉ ଆଜି ଲଳିତଗିରି ଯାଇଛି।
3. ହଁ, କାଲି ଆମର ଇଂରାଜୀ ପଢ଼ା ଆରମ୍ଭ ହେବ।
4. ହଁ, ମେଳାକୁ ବହୁତ ଦୋକାନୀ ଆସିଛନ୍ତି।
5. ହଁ, ମୁଁ କାଲି ପାଇଁ ଲେଖା ପଢ଼ା ସାରି ଆସିଛି।
6. ହଁ, ମୁଁ ତୁମ କଥା ମାନିବି।

VII. कोष्ठक में दिए गए प्रश्नवाचक शब्दों में से उपयुक्त शब्द चुन कर प्रत्येक वाक्य के तीन-तीन प्रश्नवाचक वाक्य बनाइए।

(କିଏ, କ'ଣ, କେତେବେଳେ, କେଉଁଠାରେ, କାହିଁକି, କାହାକୁ, କାହାର, କେମିତି, କେଉଁମାନଙ୍କର, କେବେ)

उदाहरण:- ଆଜି ରତ୍ନଗିରିରେ ବିଷୁବ ମିଳନ ହେଉଛି।
- କେବେ ରତ୍ନଗିରିରେ ବିଷୁବ ମେଳନ ହେଉଛି ?
- ଆଜି କେଉଁଠାରେ ବିଷୁବ ମିଳନ ହେଉଛି ?
- ଆଜି ରତ୍ନଗିରିରେ କ'ଣ ହେଉଛି ?

1. କାଲି ଗାଁରେ କିଣିବାବାଲାଙ୍କର ଭିଡ଼ ଜମିବ।
2. ବୋଉ ଆଜି ସକାଳୁ ଲଳିତଗିରି ଯାଇଛି।
3. କାଲି ଆମର ଓଡ଼ିଆ ପଢ଼ା ଆରମ୍ଭ ହେବ।
4. ଆଜି ସକାଳୁ ମାଉସୀଙ୍କୁ ମୁଁ ମନ୍ଦିର ଯାଉଥିବାର ଦେଖିଛି।

5. କାଲି ବାଣୀବିହାରରେ ଯାତ୍ରାବାଲାଙ୍କର ପ୍ରୋଗ୍ରାମ୍ ଅଛି ।

VII. उदाहरण के अनुसार, उपयुक्त स्थान पर, दिए गए शब्दों का प्रयोग कर वाक्यों का विस्तार किजिए।

उदाहरण:- ସେମାନେ ନିଆଁରେ ଚାଲିବେ । (ଜଳନ୍ତା)
ସେମାନେ ଜଳନ୍ତା ନିଆଁରେ ଚାଲିବେ ।

1. ଗାଡ଼ିଟି ରାସ୍ତାରେ ଜୋରରେ ଚାଲୁଛି । (ଗଡ଼ାଣି)
2. ରାସ୍ତାରେ ଭାରି ଭିଡ଼ । (ଯିବାବାଲାଙ୍କର)
3. ନାଚିବାପିଲାମାନେ ଓଡ଼ିଶୀ ନାଚ ନାଚିବେ । (ରବୀନ୍ଦ୍ରମଣ୍ଡପରେ)
4. ଆଜି ବିଷୁବ ମିଳନ ହେଉଛି । (ରତ୍ନଗିରିରେ)
5. ସେମାନେ କିଛି ଜାଣନ୍ତି ନାହିଁ । (ଲେଖାପଢ଼ା)

VIII. उदाहरण के अनुसार दिए गए वाक्यों का परिवर्त्तन कीजिए।

उदाहरण:- ଅମୋଲ୍ ହିନ୍ଦୀ ଗୀତ ଗାଉଛି ।
ଅମୋଲ୍ ହିନ୍ଦୀ ଗୀତ ଗାଇବାବାଲା ଅଟେ ।

1. ମୋ ବାପା କୁନ୍ତଳା କୁମାରୀଙ୍କ ବିଷୟରେ ଜାଣିଛନ୍ତି ।
2. ସରସ୍ୱତୀ ରାମାୟଣ ଭଲ ବୋଲେ ।
3. କୁଙ୍କୁମ ଭଲ ଭାବରେ ଓଡ଼ିଶୀ ନୃତ୍ୟ ନାଚେ ।
4. ମୋ ବଡ଼ ଭାଇ ଓଡ଼ିଆରେ କବିତା ଲେଖନ୍ତି ।
5. ମୁଁ ଏଥର ମେଳାକୁ ଯିବି ।
6. ମୁଁ ରାଗିବି ।

IX. नीचे दिए गए वाक्य युग्मों को मिला कर एक एक वाक्य बनाइए।

उदाहरण:- ଆଜି ସକାଳେ ମାଉସୀଙ୍କୁ ମୁଁ ଦେଖିଛି ।
ସେ ମନ୍ଦିର ଯାଉଥିଲେ ।
ଆଜି ସକାଳେ ମାଉସୀଙ୍କୁ ମନ୍ଦିର ଯାଉଥିବାର ମୁଁ ଦେଖିଛି ।

1. ଆଜି ସକାଳେ ରାଜାକୁ ମୁଁ ଦେଖିଛି ।
ସେ ଦିଲ୍ଲୀ ଯାଉଥିଲେ ।
2. ପହରଦିନ ଅପାଙ୍କୁ ମୁଁ ଦେଖିଛି ।

ସେ ଲାଇବ୍ରେରୀ ଯାଉଥିଲେ ।

3. କାଲି ରାତିରେ ଗୋପଳବାବୁଙ୍କୁ ମୁଁ ଦେଖିଛି ।
ସେ ବହି ଦେଉଥିଲେ ।

4. ରବିବାର ଦିନ ପିଲାମାନଙ୍କୁ ମୁଁ ଦେଖିଛି ।
ପିଲାମାନେ ନନ୍ଦ କାନନ ଯାଉଥିଲେ ।

5. ସୋମବାର ଦିନ ବାପାଙ୍କୁ ମୁଁ ଦେଖିଛି ।
ସେ ଲିଂଗରାଜ ମନ୍ଦିର ଯାଉଥିଲେ ।

पढ़िए और समझिए

ଓଡ଼ିଶାରେ ଜଗନ୍ନାଥ ଧର୍ମ ଓ ସଂସ୍କୃତି
ओड़िशारे जगन्नाथ धर्म ओ संस्कृति

ଓଡ଼ିଆରେ ଏକ କଥା ଅଛି ଯେ, "ଜଯ୍ୟ ଜଗନ୍ନାଥ ସ୍ୱାମୀ ନଯ୍ୟନ ପଥ ଗାମୀ ଭବ ତୁମେ" । ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଓ ରମଣୀଯ୍ୟ ଲୀଳାକ୍ଷେତ୍ର ପୁରୀ ଶ୍ରୀକ୍ଷେତ୍ର, ନୀଳାଚଳ, ପୁରୁଷୋତ୍ତମକ୍ଷେତ୍ର, ନୀଳଗିରି, ନୀଳାଦ୍ରୀ, ଶଙ୍ଖକ୍ଷେତ୍ର ଇତ୍ୟାଦି ନାମରେ ବିଦିତ । ଚତୁର୍ଦ୍ଧାମ ମଧ୍ୟରୁ ପୁରୀ ଅନ୍ୟତମ ଧାମ ରୂପରେ ପ୍ରସିଦ୍ଧି ଲାଭ କରିଛି । ପୁଣି ଜଗନ୍ନାଥ ବହୁ ନାମରେ ବିଦିତ । ଚକାଡ଼ୋଳା, ମହପ୍ରଭୁ, ପତିତପାବନ, କଳାଶ୍ରୀମୁଖ, ବଡ଼ ଠାକୁର, ବଡ଼ଦିଅଁ ଓ କାଳିଆ ଇତ୍ୟାଦି ।

ଓଡ଼ିଆବାଲାଙ୍କ ମତରେ ଯୁଗେ ଯୁଗେ ଶ୍ରୀ ଜଗନ୍ନାଥ ବିଦ୍ୟମାନ । ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଆମର ଐତିହ୍ୟ । ଜଗନ୍ନାଥ କୁହେଳିକାମଯ୍ୟ, ଚିର ରହସ୍ୟମଯ୍ୟ । ତେଣୁ ଶ୍ରୀ ଜଗନ୍ନାଥ ତତ୍ତ୍ୱ ପ୍ରକାଶ କରିବା ସହଜସାଧ୍ୟ ନୁହେଁ । ଜଗନ୍ନାଥ ଧର୍ମ ହେଉଛି ସର୍ବ ଧର୍ମ ସମନ୍ୱଯ୍ୟ ଓ ଓଡ଼ିଆ ଜାତିର ସଂସ୍କୃତି । ଓଡ଼ିଆ ଜାତି ଶ୍ରୀଜଗନ୍ନାଥଙ୍କୁ ଏକାନ୍ତ ଆତ୍ମୀଯ୍ୟ ମନେକରି ସାଂସାରିକ ସୁଖ ଦୁଃଖ ଜଣାଏ । ଶ୍ରୀ ଜଗନ୍ନାଥ ଓଡ଼ିଆ ଜାତିର ଅନ୍ତରଂଗ

ଦେବତା। ଜୈନ, ବୌଦ୍ଧ, ବୈଷ୍ଣବ, ଶାକ୍ତ, ଶ୍ରୀଚୈତନ୍ୟଙ୍କ ପ୍ରେମ ଭକ୍ତି ଧର୍ମ ଓ ଦର୍ଶନକୁ ନେଇ ଜଗନ୍ନାଥ ନିଜର ନୀଳାଚଳରେ ପତିତପାବନ ବାନା ଉଡ଼ାଇ ରତ୍ନସିଂହାସନରେ ବିଜେ କରିଛନ୍ତି। କେତେକ ଗବେଷକ ବୌଦ୍ଧଧର୍ମ ସମ୍ବନ୍ଧୀ ତ୍ରିରତ୍ନ (ବୁଦ୍ଧ, ଧର୍ମ, ସଂଘ) ସହିତ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତ୍ରିମୂର୍ତ୍ତିର ସାମଞ୍ଜସ୍ୟ ଦେଖନ୍ତି। ଆଉ କେତେକ କୃଷ୍ଣଙ୍କର ଭାଇ ଓ ଭଉଣୀଙ୍କୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବୋଲି କହନ୍ତି। ଜଗନ୍ନାଥ ପୀଠ ଶୈବ, ଶାକ୍ତ ଓ ବୈଷ୍ଣବ ଏହି ତିନି ଧର୍ମ ମତବାଦର ସମନ୍ୱୟ ପୀଠ। ଜଗନ୍ନାଥ ହେଉଛନ୍ତି ଏକାଧାରାରେ ନୀଳମାଧବ, ଶ୍ରୀନୃସିଂହ, ଶ୍ରୀରାମ, ଶ୍ରୀକୃଷ୍ଣ ଓ ଶ୍ରୀପୁରୁଷୋତ୍ତମ। ଜଗନ୍ନାଥଙ୍କ 'ରଥଯାତ୍ରା' ଜାତୀୟ ଐତିହ୍ୟ ସୂଚକ ସ୍ମାରକୀ ଯାତ୍ରା। ସାମାଜିକ ଜ୍ୱାଳା ଓ ଯନ୍ତ୍ରଣାରୁ ମୁକ୍ତି ଖୋଜୁଥିବା ଅଗଣିତ ଭକ୍ତମାନଙ୍କୁ ପ୍ରଭୁ 'ରଥଯାତ୍ରା' ଦିନ ଦର୍ଶନ ଦେଇ ଦୁଃଖମୋଚନ କରନ୍ତି। ଜଗନ୍ନାଥ ପରମ୍ପରାରେ ଜାତିଭେଦ ବା ଅସ୍ପୃଶ୍ୟତା ନାହିଁ। ଚଣ୍ଡାଳ, ବ୍ରାହ୍ମଣ, ପାପୀ, ନୀଚ, ପଣ୍ଡିତ, ମୂର୍ଖ ସମସ୍ତଙ୍କ ପ୍ରତି ଜଗନ୍ନାଥଙ୍କ କରୁଣା ଦୃଷ୍ଟି ସମଭାବରେ ଅଛି। ସେ ହେଉଛନ୍ତି ଭକ୍ତର ଜଗନ୍ନାଥ। ଶ୍ରୀଜଗନ୍ନାଥ ଚଣ୍ଡାଳର ଦେବତା, ବ୍ରାହ୍ମଣର ଦେବତା, ରାଜାର ଦେବତା, ପ୍ରଜାର ଦେବତା, ଜନତାର ଦେବତା ସର୍ବୋପରି ଓଡ଼ିଶାର ଗଣଦେବତା ଓ ସଂସ୍କୃତିର ଦ୍ୟୋତକ। ଓଡ଼ିଶାର ପଂରପରା ଅନୁସାରେ ବିବାହ ପୂର୍ବରୁ ଜଗନ୍ନାଥଙ୍କୁ ଆଗ ନିମନ୍ତ୍ରଣ ପତ୍ର ଦିଆଯାଏ।

ଓଡ଼ିଶାର ସଂସ୍କୃତି, ଜନଜୀବନ ଓ ଧର୍ମପରି ଓଡ଼ିଆ ସାହିତ୍ୟରେ ଶ୍ରୀଜଗନ୍ନାଥଙ୍କ ଚେତନାର ଧାରା ପ୍ରବାହିତ। ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଯେତେ ଭକ୍ତି ମୂଳକ ରଚନା ତାହା ଜଗନ୍ନାଥଙ୍କ ଉପରେ ବର୍ଣ୍ଣିତ ହୋଇଛି। ସାରଳା ଦାସ ପ୍ରଥମ ଓଡ଼ିଆ କବି ଯେ, ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା କରିଛନ୍ତି।

ଓଡ଼ିଶାରେ ବିଭିନ୍ନ ଧର୍ମର ଅଭ୍ୟୁତ୍‌ଥାନ ଘଟିଛି। ଯଥା :- ବୈଦିକ ଧର୍ମ, ଜୈନ ଧର୍ମ, ବୌଦ୍ଧ ଧର୍ମ, ଶୈବ ଧର୍ମ, ଶାକ୍ତ ଧର୍ମ, ନାଥ ଧର୍ମ, ବୈଷ୍ଣବ ଧର୍ମ, ମହିମା ଧର୍ମ ଓ ଜଗନ୍ନାଥ ଧର୍ମ ପ୍ରଭୃତି ସବୁ ମତବାଦଗୁଡ଼ିକ ଶ୍ରୀଜଗନ୍ନାଥଙ୍କଠାରେ ସର୍ବଧର୍ମ ସମନ୍ୱିତ ହୋଇ ଜଗନ୍ନାଥ ଧର୍ମ ଓ ସଂସ୍କୃତିର ଉତ୍ପତ୍ତି ହୋଇଅଛି।

ଶବ୍ଦାର୍ଥ

ଓଡ଼ିଆ ଶବ୍ଦ	**ହିଂଦୀ ଅର୍ଥ**
ଶ୍ରୀଜଗନ୍ନାଥ	**श्री जगन्नाथ**
ପବିତ୍ର	**पवित्र, पुण्य, पावन**

ରମଣୀୟ	**रमणीय**
ଲୀଳାକ୍ଷେତ୍ର	**लीलाक्षेत्र**
ପୁରୀ ଶ୍ରୀକ୍ଷେତ୍ର	**पुरी श्रीक्षेत्र**
ନୀଳାଚଳ	**नीलाचल**
ପୁରୁଷୋତ୍ତମ କ୍ଷେତ୍ର	**पुरुषोत्तम क्षेत्र**
ନୀଳଗିରି	**नीलगिरि**
ନୀଳାଦ୍ରୀ	**नीलाद्री**
ଶଂଖକ୍ଷେତ୍ର	**शंख क्षेत्र**
ବିଦିତ	**चारों ओर**
ଚତୁର୍ଦ୍ଧାମ	**चारोंधाम**
ପ୍ରସିଦ୍ଧିଲାଭ	**प्रसिद्धि पाना, विख्यात होना**
ଧର୍ମ	**धर्म**
ସଂସ୍କୃତି	**संस्कृति**
ଐତିହ୍ୟ	**ऐतिह्य**
କୁହେଳିକାମୟ	**आश्चर्यजनक**
ଚିରରହସ୍ୟମୟ	**रहस्यमय**
ତତ୍ତ୍ୱ	**तत्त्व**
ଉଦ୍‌ଘାଟନ	**उद्‌घाटन**
ସହଜସାଧ୍ୟ	**आसानी से**
ସର୍ବ ଧର୍ମ ସମନ୍ୱୟ	**सब् धर्म एक होना**
ଏକାନ୍ତ ଆତ୍ମୀୟ	**एकांत निजश्व**
ସାଂସାରିକ ସୁଖଦୁଃଖ	**संसार का सुखदुःख**
ଅନ୍ତରଂଗ ଦେବତା	**अंतरंग भगवान**
ବିଶ୍ୱାସର ପ୍ରାଣକେନ୍ଦ୍ର	**विश्वास का प्राणकेंद्र**
ଜୈନ	**जैन (धर्म)**
ବୌଦ୍ଧ	**बौद्ध (धर्म)**
ଶାକ୍ତ	**शाक्त (एक प्रकार का धर्म)**

ଶ୍ରୀଚୈତନ୍ୟ	श्री चैतन्य (जगन्नाथ का परम भक्त)
ରତ୍ନ ସିଂହାସନ	रत्न सिंहासन (जगन्नाथ का सिंहासन)
ବିଜେ କରିଛୁନ୍ତି	प्रकाश करना
ତ୍ରିରତ୍ନ	तीन रत्न
ବଳଭଦ୍ର	बलभद्र (जगन्नाथ के बड़ाभाई)
ସୁଭଦ୍ରା	सुभद्रा (जगन्नाथ की छोटी बहन)
ତ୍ରିମୂର୍ତ୍ତି	तीन मूर्ति
ସାମଞ୍ଜସ୍ୟ	समानता
ଦ୍ୱାରକାନାଥ	द्वारकानाथ
ଜାତୀୟ ଐତିହ୍ୟ ସୂଚକ	एक जाति के ऐतिह्य का सूचक
ସ୍ମାରକୀ ଯାତ୍ରା	याद करने लायक यात्रा
ସାମାଜିକ ଜ୍ୱାଳା ଓ ଯନ୍ତ୍ରଣା	सामाजिक ज्वाला तथा कष्ट
ମୁକ୍ତି ଖୋଜୁଥିବା	स्वतंत्रता खोजनेवाला
ଅଗଣିତ ଭକ୍ତ	भक्त जो गिने नहीं जा सक्ते
ଦର୍ଶନ	दर्शन
ଦୁଃଖମୋଚନ	दुःख का हरण करनेवाला
ପରଂପରା	परंपरा
ଜାତିଭେଦ	जातिभेद
ଅସ୍ପୃଶ୍ୟତା	अस्पृश्यता
ଚଣ୍ଡାଳ	चांड़ाल
ବ୍ରାହ୍ମଣ	ब्राह्मण
ନୀଚ	नीच, छोटा
ପଣ୍ଡିତ	पंड़ित, ज्ञानी
ମୂର୍ଖ	मुर्ख
କରୁଣା	दया
ଗଣ ଧର୍ମ	गण धर्म

ସଂସ୍କୃତିର ଦ୍ୟୋତକ	**संस्कृति का द्योतक**
ବିବାହ ପୂର୍ବରୁ	**शादी के पहले**
ନିମନ୍ତ୍ରଣ ପତ୍ର	**निमंत्रण पत्र**
ଚେତନାର ଧାରା	**चेतना की धारा**
ପର୍ଯ୍ୟବେସିତ	**स्थित**
ଅଭେଦତ୍ୱ	**भेद नहीं**
ଅଭ୍ୟୁତ୍‌ଥାନ	**अभ्युत्थान**
ଅର୍ନ୍ତଲୀନ	**विलीन हो जाना**
ସମନ୍ୱିତ ରୂପରେ	**समान रूप से**

अभ्यास

I. **अनुच्छेद के अनुसार नीचे दिए गए प्रश्नों के उत्तर लिखिए।**

1. ଶ୍ରୀ ଜଗନ୍ନାଥଙ୍କ ଲୀଳାକ୍ଷେତ୍ର କି କି ନାମରେ ବିଦିତ ?
2. ଶ୍ରୀ ଜଗନ୍ନାଥଙ୍କ ଅନ୍ୟ ନାମ ସବୁ କ'ଣ ?
3. ଓଡ଼ିଆବାଲାଙ୍କର କ'ଣ ଐତିହ୍ୟ ?
4. କିଏ କୁହେଳିକାମୟୂ ଓ ଚିର ରହସ୍ୟମୟୂ ?
5. ଜଗନ୍ନାଥ ଧର୍ମ କ'ଣ ?
6. ଓଡ଼ିଆ ଜାତିର ଅନ୍ତରଙ୍ଗ ଦେବତା କିଏ ?
7. କେଉଁମାନେ ବୌଦ୍ଧ ଧର୍ମ ସମ୍ବନ୍ଧୀ ତ୍ରିରତ୍ନ (ବୁଦ୍ଧ, ଧର୍ମ, ସଂଘ) ସହିତ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ତ୍ରିମୂର୍ତ୍ତିରେ ସାମଞ୍ଜସ୍ୟ ଦେଖନ୍ତି ?
8. କେଉଁ ତିନୋଟି ଧର୍ମ ଜଗନ୍ନାଥ ଧର୍ମର ସମନ୍ୱୟୂ ପୀଠ ?
9. ଶ୍ରୀ ଜଗନ୍ନାଥ ଏକାଧାରରେ କ'ଣ କ'ଣ ?
10. କ'ଣ ପାଇଁ କେଉଁମାନଙ୍କୁ ପ୍ରଭୁ ଶ୍ରୀଜଗନ୍ନାଥ 'ରଥଯାତ୍ରା' ଦିନ ଦର୍ଶନ ଦେଇ ଦୁଃଖମୋଚନ କରନ୍ତି ?
11. ଓଡ଼ିଶାର ଗଣଧର୍ମ କ'ଣ ?
12. କିଏ ଚଣ୍ଡାଳର ଦେବତା, ବ୍ରାହ୍ମଣର ଦେବତା, ରାଜାର ଦେବତା, ପ୍ରଜାର ଦେବତା, ଜନତାର ଦେବତା ସର୍ବୋପରି ଓଡ଼ିଶାର ଗଣ ଦେବତା ଓ ସଂସ୍କୃତିର ଦ୍ୟୋତକ ?

13. ବିବାହ ପୂର୍ବରୁ ଜଗନ୍ନାଥଙ୍କୁ କ'ଣ ଦିଆଯାଏ ?
14. କେଉଁ କବି ଜଗନ୍ନାଥଙ୍କ ଭକ୍ତିମୂଳକ ରଚନା ବର୍ଣ୍ଣନା କରିଛନ୍ତି ?
15. କିଏ ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା କରିଛନ୍ତି ?
16. କେଉଁ କେଉଁ ଧର୍ମ ଶ୍ରୀଜଗନ୍ନାଥ ଧର୍ମରେ ଅନ୍ତର୍ଲୀନ ହୋଇଛି ?

II. अनुच्छेद के आधार पर दिए गए प्रत्येक शब्द समूह के शब्दों को ठीक क्रम में लाकर वाक्य बनाइए।

1. ବିଦ୍ୟମାନ, ଯୁଗେଯୁଗେ, ଶ୍ରୀ ଜଗନ୍ନାଥ, ଓଡ଼ିଆବାଲାଙ୍କ, ମତରେ
2. ସର୍ବ ଧର୍ମ, ଜଗନ୍ନାଥ, ସମନ୍ୱୟ, ଧର୍ମ ହେଉଛି, ଓଡ଼ିଆ ଜାତିର, ଓ, ଧର୍ମ ଓ ସଂସ୍କୃତି
3. ସମନ୍ୱୟ ପୀଠ, ଧର୍ମ ମତବାଦର, ଏହି ତିନି, ଶୈବ, ଶାକ୍ତ ଓ ବୈଷ୍ଣବ, ଉପାସନା, ଜଗନ୍ନାଥ
4. ପରଂପରାରେ, ଜାତିଭେଦ ନାହିଁ, ଜଗନ୍ନାଥଙ୍କ, ଅସ୍ପୃଶ୍ୟତା, ବା
5. ଜନଜୀବନ, ଓଡ଼ିଆ, ଶ୍ରୀଜଗନ୍ନାଥଙ୍କ ପ୍ରବାହିତ, ଓଡ଼ିଶାର ସଂସ୍କୃତି, ଓ ଧର୍ମପରି, ଚେତନାର ଧାରା, ଓ ଧର୍ମପରି

III. नीचे दिए गए कथनों को अनुच्छेद में वर्णित क्रम में क्रमबद्ध कीजिए।

1. ଓଡ଼ିଆଜାତି ଶ୍ରୀଜଗନ୍ନାଥଙ୍କୁ ଏକାନ୍ତ ଆତ୍ମୀୟ ବୋଲି ମନେକରି ସାଂସାରିକ ସୁଖ ଦୁଃଖ ଜଣାଏ ।
2. ଜଗନ୍ନାଥ ଓଡ଼ିଆ ବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର ।
3. ଜୈନ, ବୌଦ୍ଧ, ବୈଷ୍ଣବ, ଶାକ୍ତ, ଶ୍ରୀଚୈତନ୍ୟଙ୍କ ପ୍ରେମଭକ୍ତି ଧର୍ମ ଓ ଦର୍ଶନକୁ ଜଗନ୍ନାଥ ନିଜର କରି ନୀଳାଚଳର ପତିତପାବନ ବାନା ଉଡ଼ାଇ ରତ୍ନସିଂହାସନରେ ବିଜେ କରିଛନ୍ତି ।
4. ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଆମର ଐତିହ୍ୟ ।
5. ଜଗନ୍ନାଥ ପରଂପରାରେ ଜାତିଭେଦ ବା ଅସ୍ପୃଶ୍ୟତା ନାହିଁ ।
6. ଓଡ଼ିଶାର ସଂସ୍କୃତି, ଜନଜୀବନ ଓ ଧର୍ମପରି ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କ ଚେତନାର ଧାରା ପ୍ରବାହିତ ।
7. ଚଣ୍ଡାଳ, ବ୍ରାହ୍ମଣ, ସମସ୍ତ ପାପୀ, ନୀଚ, ପଣ୍ଡିତ, ମୁର୍ଖ ସମସ୍ତଙ୍କ ପ୍ରତି ଜଗନ୍ନାଥଙ୍କ

କରୁଣା
ଦୃଷ୍ଟି ସମଭାବରେ ଅଛି।

8. ଜଗନ୍ନାଥ ଧର୍ମ ହେଉଛି ସର୍ବ ଧର୍ମ ସମନ୍ୱୟ ଓ ଓଡ଼ିଆ ଜାତିର ଧର୍ମ ଓ ସଂସ୍କୃତି।
9. ଚାରିଧାମରୁ ଶ୍ରୀଜଗନ୍ନାଥ ଧାମ ଅନ୍ୟତମ।
10. ପ୍ରଥମ ଓଡ଼ିଆ କବି ଯେ, ଜଗନ୍ନାଥ ଓ କୃଷ୍ଣଙ୍କ ମଧ୍ୟରେ ଅଭେଦତ୍ୱ ପରିକଳ୍ପନା କରିଛନ୍ତି।

IV. हिंदी में अनुवाद कीजिए।

ଭାରତ ବର୍ଷର ବିଭିନ୍ନ ଦେଶ ପ୍ରଦେଶର ଓ ମାତୃଭାଷାର ଲୋକେ ଦଶହରାପୂଜାକୁ ଆଡ଼ମ୍ବର ସହକାରେ ପାଳନ କରିଥାନ୍ତି। ଏହି ଉତ୍ସବକୁ ସମଗ୍ର ଦେଶରେ ବିଭିନ୍ନ ନାମ ଓ ରୂପରେ ପୂଜା ଆରାଧନା କରାଯାଇଥାଏ। ଓଡ଼ିଆବାଲା ଓ କଲିକତାବାଲା ମଧ୍ୟ ଏଇ ଦୁର୍ଗାପୂଜାକୁ ବଡ଼ ଧୂମ୍‌ଧାମରେ ପାଳନ କରନ୍ତି।

ମହୀଶୂରର ଦଶହରା ଉତ୍ସବ ସାରାଦେଶରେ ହିଁ ନୁହେଁ, ଦେଶ ବାହାରେ ମଧ୍ୟ ସୁପ୍ରସିଦ୍ଧ ଅଟେ। କେରଳର ଲୋକମାନେ ଏହି ଉତ୍ସବକୁ ସରସ୍ୱତୀ ପୂଜା ରୂପରେ ପାଳନ କରନ୍ତି। ପିଲାମାନଂକର ଏହି ସମୟରେ ହିଁ ବିଦ୍ୟା ଆରମ୍ଭ ହୁଏ। ମଲୟାଳୀବାଲା ମଧ୍ୟ ଏହି ଉତ୍ସବ ଦିନ ପିଲାମାନଙ୍କର ବିଦ୍ୟା ଆରମ୍ଭ କରିଥା'ନ୍ତି। ମହୀଶୂରର ମହାରାଜାଂକ ସମୟରେ ଏହି ଉତ୍ସବ ବହୁ ଧୂମଧାମରେ ଜାକଜକମରେ ପାଳନ କରୁଥିଲେ।

ବଂଗଳାବାଲା ଆଉ ଓଡ଼ିଆବାଲା ଦୁର୍ଗାପୂଜା ସମୟରେ ନିଜ ନିଜ ରାଜ୍ୟକୁ ଆସିବାକୁ ଚାହାନ୍ତି। ସହରରେ ସ୍ଥାନେ ସ୍ଥାନେ ମୃଣ୍ମୟୀ ଦୁର୍ଗାଂକର ସୁନ୍ଦର ମଣ୍ଡପ ତିଆରି କରି ପୂଜା କରାଯାଇଥାଏ।

ହିମାଚଳ ପ୍ରଦେଶରେ ଲାହୁଲ୍ ଓ ସ୍ପିତିରେ ମଧ୍ୟ ଦୁର୍ଗାପୂଜା ପାଳିତ ହୁଏ। ଆଜିକାଲି ଓଡ଼ିଶାରେ ରୂପାମେଢ଼ ଏବଂ ଗୋଟିଏ ସୁନାମେଢ଼ ତିଆରି ହେଉଛି।

ଭାରତରେ ଶକ୍ତିର ଆରାଧନା ବହୁ ପ୍ରାଚୀନ। ଏହି ଶକ୍ତି ପୂଜାହିଁ ମାତୃପୂଜା। ଦେବାତାମାନେ ଆପଣାର ସମ୍ମିଳିତ ଶକ୍ତି ଦ୍ୱାରା ଏହି ମାତୃଶକ୍ତିର ଗଠନ କରିଥିଲେ। ମହୀଷାସୁରକୁ ବିନାଶ କରିବା ପାଇଁ ଏହି ଅଜେୟ ଏବଂ ଅପରାଜୟ ମାତୃଶକ୍ତିର ପରିକଳ୍ପନା। ଦେବୀ ଭାଗବତରେ ଦେବୀଂକର ବିଭିନ୍ନ ପୀଠର ବର୍ଣ୍ଣନା ସଂଗେ ସଂଗେ ଦେବୀଂକର ରୂପ ଅର୍ଚ୍ଚନା ଏବଂ ପୂଜା ବିଷୟରେ ବହୁତଥ୍ୟ ଦିଆଯାଇଛି। ମା ଦୁର୍ଗା ଦେବୀ

ପୁଣି ରାମ ଦ୍ରଂକ ଆରାଧନାରେ ତୁଷ୍ଟ ହୋଇ ରାବଣବଦ୍ଧ ନିମିତ୍ତ ତାଂକୁ ଆର୍ଶୀବାଦ ଦେଇଥିଲେ।

ଏହି ଦିନମାନଙ୍କର ସମସ୍ତେ ନୂଆଲୁଗା ପିନ୍ଧନ୍ତି। ଦୁର୍ଗାପୂଜା ସମୟରେ ଚାରିଆଡ଼େ ନୃତ୍ୟଗୀତ ଏବଂ ଅଭିନୟ ଦ୍ୱାରା ଏହି ଉତ୍ସବର ପାଳନ କରାଯାଇଥାଏ। ଏହିଦିନ କିଣିବାବାଲା, ବିକାବାଲା ଓ ବୁଲିବାବାଲାଂକର ପ୍ରବଳ ଭିଡ଼ ହୁଏ। ପ୍ରତ୍ୟେକଲୋକ ବୁଲିବୁଲି ଓ ଖାଇଖାଇ ଏହି ଉତ୍ସବକୁ ଖୁସିରେ କଟାଇଥାନ୍ତି। ଦଶଦିନର ଏହି ଦୁର୍ଗା ପୂଜା ଶେଷରେ ରାବଣପୋଡ଼ି ଉତ୍ସବ ପାଳିତ ହୋଇଥାଏ। ପ୍ରାୟ ୨୦ ଫୁଟ୍ ଉଚ୍ଚର ରାବଣମୂର୍ତ୍ତି ଦେହରେ ରାମବେଶ ହୋଇଥିବା ବ୍ୟକ୍ତିଦ୍ୱାରା ମରାଯାଇଥିବା ଶରରେ ଏହି ବାଣ ଗୁଡ଼ିକ ଜଳି ଉଠିଥାଏ। ସେଠାରେ ଜମା ହୋଇଥିବା ଲକ୍ଷ ଲକ୍ଷ ଲୋକ ଏହି ଦୃଶ୍ୟକୁ ଦେଖିଥାଆନ୍ତି। ଦଶମୀ ପୂଜା ପରଦିନ ଭଷାଣୀ ପର୍ବ ଅନୁଷ୍ଠିତ ହୋଇଥାଏ। ପ୍ରୋସେସନ୍ କରି ବାଜା ବଜାଇ ଏହି ମୂର୍ତ୍ତି ଗୁଡ଼ିକୁ ନଦୀରେ ବିସର୍ଜନ କରାଯାଇଥାଏ। ଏହି ବିସର୍ଜନ ଦେଖିବାକୁ ହଜାର ହଜାର ଲୋକ ଏକତ୍ର ହୋଇଥାନ୍ତି। କୋଟିକୋଟି ପ୍ରାଣକୁ ଗୋଟିଏ ସୂତ୍ରରେ ଗୁନ୍ଥିବାକୁ ଏହାହିଁ ଏକମାତ୍ର ପୂଜା।

V. **ओड़िआ में अनुवाद कीजिए ।**

अगले सोमवार हमारे कॉलेज का वार्षिकोत्षव है। पूरे दिन विविध प्रकार के कार्यक्रम होंगे। सुबह आठ बजे से कार्यक्रम शुरु होना है। बहुत लोग आनेवाले हैं। भाग लेनेवाले सिर्फ अभि कॉलेज में पढ़नेवाले नहीं हैं। कॉलेज के कई पुराने विद्यार्थि भी आएँगे। उन में भिन्न भिन्न काम करनेवाले होते हैं। डॉक्टर, इंजीनियर, अध्यापक, व्यापारी, नर्तक, नर्तकियाँ, गानेवाले, सरकारी तथा अन्य दप्तरों में काम करनेवाले पुस्तकों की रचना करनेवाले जैसे जीवन के कई क्षेत्रों में से बहुत लोग आनेवाले हैं। उन की एक बड़ी सभा सब कार्यक्रमों के पहले होती है। विविध प्रकार के अनुभव वे हमें बतानेवाले हैं। उन लोगों के लिए तरह तरह की स्पर्धाएँ होनीवाली हैं। वे लोग हमारे कॉलेज की उन्नति के लिए कठिन परिश्रम करनेवाले हैं। उन लोगें के देन से एक बड़ा कलाभवन का आरंभोत्सव भी होनेवाला है। इस केलिए मुख्यमंत्रिजी आनेवाले हैं। पुराने विद्यार्थियों के कार्यक्रमों के बाद हमारा कार्यक्रम शुरु होनेवाला है। तरह तरह के गाना गानेवाले हमारे कॉलेज में हैं। हमारे देश के विविध राज्यों के नृत्यों का कार्यक्रम होगा। ओड़िशि नृत्य तो होना ही है। इस के अलावा भरत नाट्यम्, कुच्चिपुड़ि, मणिपुरी नृत्य, कथकळि नृत्य, गिरिजनों के नृत्य ऐसे सभी तरह के नाच नाचनेवाले नर्तक-नर्तकियाँ हमारे विद्यार्थियों में हैं। इन सब को देखना एक अपूर्व आनंद ही है।

VI. **अपने राज्य के किसी एक मेले का वर्णन ओड़िआ में कीजिए।**

टिप्पणियाँ

I. **नीचे दिए गए वाक्यों पर ध्यान दीजिए।**

1\. 1) କାଲି କଲେଜରେ ଆମର ଇଂରାଜୀ ପଢ଼ା ଆରମ୍ଭ ହେବ। — **कल कॉलेज में हमारी अँग्रेजी की पढ़ाई आरंभ होगा।**

कालि कलेजरे आमर इंराजी पढ़ा आरम्भ हेब।

2) ମୋତେ ସବୁ କିଛି ଦେଖାଶୁଣା କରିବାକୁ ପଡୁଛି। — **मुझे सब कुछ देखा-सुना (देखभाल) करना पड़ रहा है।**

मोते सबु किछि देखाशुणा करिबाकु पडुछि।

2\. 1) କାଲି ସେଠାରେ ଗାଉଣା ବାଜଣା ହେବ। — **कल वहाँ गाना बजाना होगा।**

कालि सेठारे गाउणा बाजणा हेब।

2) ମତେ ପଢ଼ିବା ଲେଖିବା ଆସେ। — **मुझे पढ़ना लिखना आता है।**

मते पढ़िबा लेखिबा आसे।

3\. 1) ମୁଁ ପାନ ଖାଇବାବାଲା ନୁହେଁ। — **मैं पान खानेवाला नहीं हूं।**

मुँ पान खाइबाबाला नुहें।

2) ରାତିରେ କିଣିବାବାଲାଙ୍କର ଭିଡ଼ ହେବ। — **रात में खरीदनेवालों का भीड़ होगा।**

रातिरे किणिबाबालांकर भिड़ हेब।

3) ମୁଁ ତ ମେଳାକୁ ଯିବାବାଲି ଅଟେ। — **मैं तो मेले को जानेवाली हूँ।**

मुँ त मेळाकु जिबाबालि अटे।

4\. 1) ଅନେକ ଜାଗାରୁ ଦେଖଣାହାରୀ ଆସିଛନ୍ତି। — **अनेक देशों से देखेनेवाले आ रहे हैं।**

अनेक जागारु देखणाहारी आसिछंति।

5\. 1) ତୁ ତ ଭାରି କୁହାଳିଆ ହୋଇଗଲୁଣି। — **तु तो बहुत बोलनेवाला हो गया है।**

तु त भारि कुहाळिआ होइगलुणि।

उपर्युक्त वाक्यों के रेखांकित शब्दों क्रियार्थक संज्ञाएँ हैं। वाक्य (1.1,2) में मूल क्रिया के साथ '-ଆ' (आ) प्रत्यय जोड़ा गया है। जैसे:- ପଢ୍ **(पढ़्)** + -ଆ **(आ)** = ପଢ଼ା, **(पढ़ा)** ଦେଖ୍ **(देख्)** + -ଆ **(आ)** = ଦେଖା **(देखा) ।**

वाक्य (2.1) के रेखांकित शब्द में मूल क्रिया के साथ यथाक्रम '-णा' (ଣା), **'-**ଉଣା**' (उणा)**

प्रत्यय जोड़े गए हैं। जैसे:- '-ବାଜ୍' + '-ଣା' = 'ବାଜଣା' (बाजणा), '-ଗା' (गा) + '-ଉଣା' (उणा) = '-ଗାଉଣା' (गाउणा)

वाक्य (2.2) के रेखांकित शब्द 'ପଢ଼ିବା' (पढ़िबा), 'ଲେଖିବା' (लेखिबा) मूल क्रिया के साथ '-इबा' (ଇବା) प्रत्यय जोड़कर बन गए हैं।

वाक्य (3.1,2,3) के रेखांकित सभी शब्दों 'ଖାଇବା', (खाइबा), 'କିଣିବା', (किणिबा), 'ଯିବା' (जिबा) में मूल क्रिया के साथ 'ବାଲା' (वाला), 'ବାଲି' (वालि) 'ବାଲେ' (वाले) प्रत्यय लिंग वचन के अनुसार जोड़कर बन गए हैं।

वाक्य (1.4) के रेखांकित शब्द 'ଦେଖିବାବାଲା' (देखनेवाले) जैसे प्रयोग का एक वैकल्पिक रूप 'ଦେଖଣାହାରୀ' (देखणाहारी) का प्रयोग है।

वाक्य (1.5) के रेखांकित शव्द 'କୁହୁାଳିଆ' मूल क्रिया 'କହ' (कह) का वैकल्पिक रूप 'କୁହା' (कुहा) के साथ 'ଲିଆ' (-लिआ) प्रत्यय जोड़कर बनाया हुआ है।

II. 1. ସେଠାରେ ଜଳନ୍ତା ନିଆଁରେ ଲୋକେ ଚାଲିବେ। — वहाँ जलती आग पर लोग चलेंगे।
सेठारे जळंता निआँरे लोके चालिबे।

2. ପାହାଡ଼ ଉପରକୁ ଯିବାପାଇଁ ଗୋଟିଏ ଉଠାଣି ରାସ୍ତା ଯାଇଛି। — पहाड़ के उपर जाने के लिए एक आरोही रास्ता है।
पाहाड़ उपरकु जिबापाइँ गोटिए उठाणि रास्ता जाइछि।

3. ଆମର ଘର ଲେଉଟାଣି ବେଳ ହେଲାଣି। — हमारे घर लौटने का समय हो गया है।
आमर घर लेउटाणि बेळ हेलाणि।

उपर्युक्त वाक्यों के रेखांकित शब्द क्रियायों से जन्य विशेषण हैं। वाक्य (II.1) के रेखांकित शव्द में मूल क्रिया के साथ (-अंता) '-ଅନ୍ତା' प्रत्यय जोड़ा गया है। जैसे:-

ଜଳ୍ + ଅନ୍ତା = ଜଳନ୍ତା — जलते हुए
जळ् + अंता = जळंता
ଚଳ୍ + ଅନ୍ତା = ଚଳନ୍ତା — चलते हुए
चळ् + अंता = चळंता

वाक्य (II,2) में रेखांकित शब्दों में मूल क्रिया के साथ (आणि) '-ଆଣି' प्रत्यय जोड़ा गया है।

जैसे:-

-ଉଠ୍ + -ଆଣି = ଉଠାଣି ऊपर जानेवाले (आरोही)

-उठ् + -आणि = उठाणि

-ଲେଉଟ + -ଆଣି = ଲେଉଟାଣି लौटना

-लेउट + -आणि = लेउटाणि

III. ପଣା ସଂକ୍ରାନ୍ତି / ବିଷୁବ ମିଳନ (पणा संक्राँति / विषुबमिलन)-

ओड़िशा में 'पणा संक्रांति' को 'महाबिषुब संक्रांति भी कहते हैं। इस दिन से सूर्यदेव का दक्षिणायन शुरु होता है। ओड़िआवालें के नया साल का प्रारंभ भी इसी दिन से होता है। वैशाख महीने में ही यह दिन आता है। इस संक्रांति के दिन ओड़िशा में 'देब देव महादेब' की पूजा सब कहीं होती है।

ନିଆଁଝାମୁ (निआँझामु)-

पणा संक्रांति के दिन जो भक्त अपना 'मानसिक' (इच्छा पुरी करने पर पूजा करने की प्रतिज्ञा) करते हैं वे भगवान के सामने आग पर चलते हैं। इसे 'निआँझामु' कहते हैं। भक्त जो निआँझामु करते हैं उनको 'झामुआ' कहते हैं।

ରତ୍ନଗିରି, ଲଳିତଗିରି, ଓ ଉଦୟଗିରି (रत्नगिरि, ललितगिरि, उदयगिरि)-

'रत्नगिरि, ललितगिरि, उदयगिरि ओड़िशा के तीन प्रमुख बौद्ध कीर्तिओं के पीठ हैं। वहाँ पर नालंदा का समसामयिक 'पुष्पगिरि' विश्वविद्यालय था।

ପାଲା ଗାଆଣ (पाला गाआण)-

'पाला गाआन' ओड़िशा का एक पारंपरिक सांस्कृतिक कार्यक्रम है। इस में एक मुख्य गायक, तीन सहायक गायक और एक वाद्यकार होता है। मुख्य गायक 'गाआण' या 'गाहाण' कहा जाता है। पौराणिक गाना और प्राचीन साहित्य की व्याख्या करना इस उत्सव का मुख्य उद्येश्य है।